# NATIONAL NEWS BULLETIN (ODIA)

## 23 May - 2026

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କ ସହ ଆମେରିକା ବୈଦେଶିକ ମନ୍ତ୍ରୀଙ୍କ ସାକ୍ଷାତ ଆଲୋଚନା ।

– ଦ୍ୱିପାକ୍ଷିକ ସହଭାଗିତା ଏବଂ ବୈଶ୍ୱିକ ଶାନ୍ତି ଓ ସୁରକ୍ଷା ନେଇ ହୋଇଛି ମତବିନିମୟ ।

- ଭି ବି ଜି ରାମଜୀ ଆଇନ୍ ଅଧୀନରେ ଚିଠା ନିୟମାବଳୀ ଜାରି କଲେ ସରକାର ।

– ଆସନ୍ତା ମାସ ୨୧ ତାରିଖ ସୁଦ୍ଧା ଜନସାଧାରଣଙ୍କଠାରୁ ମତାମତ ପାଇଁ ସମୟସୀମା ଧାର୍ଯ୍ୟ ।

- ଚୀନ୍‌ର କୋଇଲା ଖଣି ବିସ୍ଫୋରଣ ଘଟଣାରେ ୯୦କୁ ବୃଦ୍ଧି ପାଇଲା ମୃତ୍ୟୁ ସଂଖ୍ୟା ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜିର ମ୍ୟାଚ୍‌ରେ ଟସ୍ ଜିତି ଲକ୍ଷ୍ନୌ ସୁପର ଜାଏଣ୍ଟସ୍‌କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ପଞ୍ଜାବ କିଙ୍ଗସ୍ ।

## ୟୁଏସ୍ ଏସ୍‌ଇସି ରୁବିଓ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ନୂଆଦିଲ୍ଲୀର ସେବାତୀର୍ଥ ଠାରେ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଆଜି ସାକ୍ଷାତ ଆଲୋଚନା କରିଛନ୍ତି । ଭାରତ-ଆମେରିକା ବ୍ୟାପକ ବିଶ୍ୱସ୍ତରୀୟ ରଣନୈତିକ ସହଭାଗିତାର ପ୍ରଗତି ଏବଂ ଆଞ୍ଚଳିକ ତଥା ବୈଶ୍ୱିକ ଶାନ୍ତି ଓ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି,  ବିଶ୍ୱ କଲ୍ୟାଣ ପାଇଁ ଉଭୟ ଦେଶ ସମ୍ମିଳିତ ଉଦ୍ୟମ ଜାରି ରଖିବେ । ଆଲୋଚନା ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଶ୍ରୀ ରୁବିଓ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଦ୍ୱିପାକ୍ଷିକ, ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା,

ବାଣିଜ୍ୟ, ସଶକ୍ତି ସୁରକ୍ଷା, ଯୋଗାଯୋଗ, ଶିକ୍ଷା ଏବଂ ଜନସମ୍ପର୍କ ଆଦି ବିଭିନ୍ନ କ୍ଷେତ୍ର ଉପରେ ହୋଇଥିବା ଅଗ୍ରଗତି ନେଇ ଅବଗତ କରାଇଛନ୍ତି ।

ପଶ୍ଚିମ ଏସିଆ ସ୍ଥିତି ସମେତ ବିଭିନ୍ନ ଆଞ୍ଚଳିକ ତଥା ବୈଶ୍ୱିକ ପ୍ରସଙ୍ଗ ଉପରେ ଶ୍ରୀ ରୁବିଓ ଆମେରିକାର ଆଭିମୁଖ୍ୟ ଉପସ୍ଥାପନ କରିଛନ୍ତି । ଶାନ୍ତି ପ୍ରତିଷ୍ଠା ଉଦ୍ୟମ ପ୍ରତି ଭାରତର ନିରନ୍ତର ସମ୍ପର୍କରେ ଶ୍ରୀ ମୋଦୀ ଆଲୋଚନା କାଳରେ ପୁନଃ ପ୍ରକାଶ କରିଛନ୍ତି । ଆଲୋଚନା ଏବଂ କୂଟନୈତିକ ମାଧ୍ୟମରେ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଉପରେ ଶ୍ରୀ ମୋଦୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଆସନ୍ତା ୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା କ୍ୱାଡ୍ ମନ୍ତ୍ରୀ ସ୍ତରୀୟ ବୈଠକରେ ଯୋଗଦେବା ପାଇଁ ଶ୍ରୀ ରୁବିଓ ୪ ଦିନିଆ ଭାରତ ଗସ୍ତରେ ଆସିଛନ୍ତି । ଆଜି ସକାଳେ କୋଲକାତାରେ ପହଞ୍ଚିବା ପରେ ସେଠାରେ ମିଶନାରିଜ୍ ଅଫ୍ ଚ୍ୟାରିଟି ଗସ୍ତ କରି ମଦର ଟେରେସାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଆସନ୍ତାକାଲି ଶ୍ରୀ ରୁବିଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ଶ୍ରୀ ରୁବିଓଙ୍କ ଏହି ଗସ୍ତ ଭାରତ-ଆମେରିକା ରଣନୈତିକ ସହଭାଗିତାକୁ ଅଧିକ ସୁଦୃଢ଼ କିରବ ବୋଲି ଆଶା କରାଯାଉଛି ।

# ଜି ରାମ ଜି

ଭି.ବି. ଜି ରାମ ଜି ଆଇନ୍ ୨୦୨୫ ଅଧୀନସ୍ଥ ଚିଠା ନିୟମାବଳୀ ସରକାର ଜାରି କରିଛନ୍ତି । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଏହି ନିୟମାବଳୀ ନେଇ ମତାମତ ଆହ୍ୱାନ କରାଯାଇଛି । ଯେକୌଣସି ବ୍ୟକ୍ତି, ସଂଗଠନ କିମ୍ବା ପ୍ରତିଷ୍ଠାନ ଏହି ନିୟମାବଳୀ ଉପରେ ନିଜର ପରାମର୍ଶ ଆସନ୍ତା ମାସ ୨୧ ତାରିଖ ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି । ଏହି ନୂତନ ବିକଶିତ ଭାରତ ଜି ରାମ ଜି ଆଇନ୍ ପୂର୍ବ ପ୍ରଚଳିତ ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ବଦଳରେ କାର୍ଯ୍ୟକାରୀ ହେବ । ପ୍ରତ୍ୟେକ ଆର୍ଥିକ ବର୍ଷରେ  ନିଶ୍ଚିତ କର୍ମ ନିଯୁକ୍ତି ଏହି ଆଇନ୍ ଅଧୀନରେ ୧୦୦ରୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି । ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଆଇନ୍‌ର ଧାରା ୩୩ ଏବଂ ଅନ୍ୟାନ୍ୟ ଆନୁସଙ୍ଗୀକ ବ୍ୟବସ୍ଥାକୁ ଆଧାର କରି ଏହି ଚିଠା ନିୟମାବଳୀ ପ୍ରସ୍ତୁତ ହୋଇଛି । ଗତ ୧୧ ତାରିଖରେ ଏହି ଆଇନ୍ ପ୍ରଚଳନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଆସନ୍ତା ଜୁଲାଇ ପହିଲାରୁ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଏହାକୁ କାର୍ଯ୍ୟକାରୀ କରାଯିବାକୁ ସ୍ଥିର ହୋଇଛି ।

# ଗୋୟଲ-ଗ୍ରୋଥ୍

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ବିଶ୍ୱ ଅସ୍ଥିରତା ସତ୍ତ୍ୱେ ଭାରତର ଅର୍ଥନୈତିକ ଭିତ୍ତିଭୂମି ସୁଦୃଢ଼ ରହିବା ସହ ରପ୍ତାନୀ ଅଭିବୃଦ୍ଧି ଜାରି ରହିଛି । ନୂଆଦିଲ୍ଲୀ ଠାରେ ଆଜି ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଗୋୟଲ କହିଛନ୍ତି, ଗତ ଏପ୍ରିଲ୍ ମାସରେ ରପ୍ତାନୀ କ୍ଷେତ୍ରରେ ଦେଖାଦେଇଥିବା ଅଭିବୃଦ୍ଧି ମେ ମାସରେ ମଧ୍ୟ ବଜାୟ ରହିଛି । ସରକାର ସାରର ବର୍ଦ୍ଧିତ ମୂଲ୍ୟର ଆର୍ଥିକ ବୋଝରୁ ଚାଷୀଙ୍କୁ ସୁରକ୍ଷା ପ୍ରଦାନ କରିବା ସହ ଏହାକୁ ନିଜେ ବହନ କରିଛନ୍ତି । ଆତ୍ମନିର୍ଭରତା ଏବଂ ବିଭିନ୍ନ ରାଷ୍ଟ୍ର ସହ ଭାଗିଦାରୀତା ମାଧ୍ୟମରେ ଭାରତ ଅର୍ଥନୈତିକ କ୍ଷେତ୍ରରେ ଗତିଶୀଳ ହେଉଛି । ବିଭିନ୍ନ ଦେଶ ସହ ସ୍ୱାକ୍ଷରିତ ହୋଇଥିବା ୯ଟି ମୁକ୍ତ ବାଣିଜ୍ୟ ଚୁକ୍ତି ଏବଂ ପ୍ରଧାନମନ୍ତ୍ରୀଙ୍କ ସଫଳ ପଞ୍ଚରାଷ୍ଟ୍ରୀୟ ଗସ୍ତ ଏହାକୁ ପ୍ରମାଣ କରୁଛି ବୋଲି ଶ୍ରୀ ଗୋୟଲ କହିଛନ୍ତି । ବ୍ୟବସାୟ କ୍ଷେତ୍ର ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟ ନେଇ ସରକାର ଭାରତ ଶିଳ୍ପ ବିକାଶ ଯୋଜନା – ଭବ୍ୟ ଆରମ୍ଭ କରିବେ ବୋଲି ସେ ସୂଚନା ଦେଇଛନ୍ତି । ଏହି ଯୋଜନା ଅଧୀନରେ ଦେଶ ବ୍ୟାପି ୧୦୦ଟି ଶିଳ୍ପ ପାର୍କ ପ୍ରତିଷ୍ଠା କରାଯିବ । ଶ୍ରୀ ଗୋୟଲ କହିଛନ୍ତି, ୩୩ ହଜାର ୬୦୦ କୋଟିରୁ ଅଧିକ ଟଙ୍କା ବ୍ୟୟ ଅଟକଳରେ ଭବ୍ୟ ଯୋଜନା କାର୍ଯ୍ୟକାରୀ କରାଯିବ । ଏହି ଯୋଜନା ମାଧ୍ୟମରେ ରାଜ୍ୟ ସରକାରଙ୍କ ସହଯୋଗରେ ସମସ୍ତ ସୁବିଧା

ସୁଯୋଗ ଥିବା ଶିଳ୍ପ ପାର୍କ ନିର୍ମାଣ କରାଯିବ ବୋଲି ଶ୍ରୀ ଗୋୟଲ ସୂଚନା ଦେଇଛନ୍ତି ।

## ଫୁଏଲ୍

ହର୍ମୁଜ ପ୍ରଣାଳୀ ଉପଯୋଗ ପ୍ରତିବନ୍ଧକ ସତ୍ତ୍ୱେ ଭାରତ ୭୬ ଦିନ ଧରି ଖୁଚୁରା ବିକ୍ରି କ୍ଷେତ୍ରରେ ଗ୍ୟାସ୍ ଏବଂ ତେଲ ମୂଲ୍ୟକୁ ଅପରିବର୍ତ୍ତିତ ରଖି ପାରିଥିଲା । ଏ କ୍ଷେତ୍ରରେ ଭାରତ ବିଶ୍ୱର ଏକ ମାତ୍ର ପ୍ରମୁଖ ଅର୍ଥନୀତି ପାଲଟିଛି । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ରୁଷ-ୟୁକ୍ରେନ୍ ସଂଘର୍ଷ ଏବଂ ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା କାରଣରୁ ବିଶ୍ୱସ୍ତରରେ ତେଲ ବଜାରରେ ସୃଷ୍ଟ ଆହ୍ୱାନ ସତ୍ତ୍ୱେ ଭାରତ ଦେଶବାସୀଙ୍କୁ ଆର୍ଥିକ ବୋଝରୁ ସୁରକ୍ଷା ପ୍ରଦାନ କରିଛି ।  ଇତିମଧ୍ୟରେ ପେଟ୍ରୋଲ ଏବଂ ଡିଜେଲ୍ ଉପରୁ କେନ୍ଦ୍ର ସରକାର ୪ଥର କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ମଧ୍ୟ ହ୍ରାସ କରିଛନ୍ତି । ସର୍ବଶେଷ ଶୁଳ୍କ ହ୍ରାସ ଯୋଗୁଁ ସରକାର ୩୦ ହଜାର କୋଟି ଟଙ୍କାର ରାଜସ୍ୱ ବୋଝ ବହନ କରିଛନ୍ତି ।

# ଚୀନ୍-ମାଇନିଂ ଏକ୍ସପ୍ଲୋଜନ୍

ଚୀନ୍‌ର ଉତ୍ତର ସାନ୍‌ସି ଅଞ୍ଚଳରେ କୋଇଲା ଖଣି ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ୯୦କୁ ବୃଦ୍ଧି ପାଇଛି । ଗତକାଲି ସକାଳେ ସେଠାକାର ଏକ କୋଇଲା ଖଣିରେ ବିସ୍ଫୋରଣ ଘଟିଥିଲା । ଉଦ୍ଧାର କାର୍ଯ୍ୟ ଏବେ ମଧ୍ୟ ଜାରି ରହିଛି ।  ଏ ପର୍ଯ୍ୟନ୍ତ ୨୦୧ ଜଣ ଶ୍ରମିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ସାରିଛି । ଚୀନ୍ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଆହତଙ୍କ ସମ୍ପୂର୍ଣ୍ଣ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ଘଟଣାର କାରଣ ନେଇ ତଦନ୍ତ କରିବା ଏବଂ ଆଇନ୍ ଅନୁଯାୟୀ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

# ରୁଷ-ୟୁକ୍ରେନ୍ ଆଟାକ

ୟୁକ୍ରେନ୍‌ର ଉତ୍ତର-ପୂର୍ବ ସହର ସୁମିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆଜି ରୁଷ ପକ୍ଷରୁ ଡ୍ରୋନ୍ ଆକ୍ରମଣ କରାଯାଇଛି । ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୯ ଜଣ ଆହତ ହୋଇଛନ୍ତି । ରୁଷ୍‌ର ଅକ୍ତିଆରରେ ଥିବା ୟୁକ୍ରେନ୍‌ର ଲୁହାନ୍‌ସ୍କ ଅଞ୍ଚଳ ସ୍ଥିତ ଏକ କଲେଜ୍ ହଷ୍ଟେଲ୍ ଉପରେ ୟୁକ୍ରେନ୍ କରିଥିବା ଆକ୍ରମଣର ଜବାବରେ ରୁଷିଆ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍‌ଙ୍କ ନିର୍ଦ୍ଦେଶ କ୍ରମେ ରୁଷ

ଏହି ଆକ୍ରମଣ କରିଥିବା ସୂଚନା ମିଳିଛି । ତେବେ ହଷ୍ଟେଲ୍ ଉପରେ ଆକ୍ରମଣ ଯୋଗୁଁ ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା ।

ଅନ୍ୟ ପକ୍ଷରେ ଗତ ବିଳମ୍ବିତ ରାତିରେ ୟୁକ୍ରେନ୍ ପକ୍ଷରୁ ହୋଇଥିବା ଡ୍ରୋନ୍ ଆକ୍ରମଣରେ ରୁଷର ଏକ ତେଲ ଟର୍ମିନାଲ୍‌ରେ ଅଗ୍ନିକାଣ୍ଡ ଘଟିଛି । ଏଥିରେ ଦୁଇ ଜଣ ଆହତ ହୋଇଥିବା ରୁଷ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

## ଡିଫେନ୍ସ ମିନିଷ୍ଟ୍ରି

ଉତ୍ତର ପ୍ରଦେଶର ଚାନ୍ଦୀନଗର ବାୟୁସେନା ଘାଟି ଠାରେ ଭାରତୀୟ ବାୟୁସେନା ପକ୍ଷରୁ ଏକ ମାରୁନ୍ ବେରେଟ୍ ଦିକ୍ଷାନ୍ତ ପରେଡ୍ ଅନୁଷ୍ଠିତ ହୋଇଯାଇଛି । ଏଥିସହିତ ବାୟୁସେନାର ସ୍ୱତନ୍ତ୍ର ସେନା ଅଧିକାରୀଙ୍କ ପ୍ରଶିକ୍ଷଣ ସମ୍ପନ୍ନ ହୋଇଛି । ପରେଡ୍‌ରେ ବାୟୁସେନାର ଆଶିଷ୍ଟାଣ୍ଟ ଚିଫ୍ ଅଫ୍ ଏୟାର୍ ଷ୍ଟାଫ୍ ଅପରେସନ୍ସ – ସ୍ପେସ୍, ଏୟାର୍ ଭାଇସ୍ ମାର୍ସାଲ୍ ରହୁଲ ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ । ପ୍ରଶିକ୍ଷଣ ଶେଷ କରିଥିବା ଗରୁଡ଼ କମାଣ୍ଡୋମାନଙ୍କୁ ଶ୍ରୀ ଗୁପ୍ତା ଅଭିନନ୍ଦନ ଜଣାଇଛନ୍ତି । ପରିବର୍ତ୍ତିତ ସମୟରେ ସୁରକ୍ଷା ଆହ୍ୱାନର ମୁକାବିଲା ପାଇଁ ସ୍ୱତନ୍ତ୍ର ସେନାର ଦକ୍ଷତାକୁ ନିରନ୍ତର ଭାବେ ବଜାୟ ରଖିବା ଉପରେ ଶ୍ରୀ ଗୁପ୍ତା ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏହି ଅବସରରେ ଶ୍ରୀ ଗୁପ୍ତା କୃତି

ପ୍ରଶିକ୍ଷାର୍ଥୀଙ୍କୁ ପୁରସ୍କାର ପ୍ରଦାନ ସହ ସମ୍ମାନିତ କରିଛନ୍ତି । ନବନିଯୁକ୍ତ କମାଣ୍ଡୋଙ୍କ ଦ୍ୱାରା ଯୁଦ୍ଧକୌଶଳ ପ୍ରଦର୍ଶନ କରାଯାଇଥିଲା ।

# ଏନ୍‌ସିଡବ୍ଲ୍ୟୁ ଦିଲ୍ଲୀ

ଦିଲ୍ଲୀର ଜାମିୟା ନଗର ଅଞ୍ଚଳରେ ଜଣେ ଦଳିତ ମହିଳାଙ୍କୁ ଅପହରଣ, ଗଣଦୁଷ୍କର୍ମ ଏବଂ ଧର୍ମାନ୍ତରିକରଣ କରାଯାଇଥିବା ଅଭିଯୋଗକୁ ଜାତୀୟ ମହିଳା କମିଶନ୍ ନିଜ ଆଡୁ ବିଚାର ପାଇଁ ଗ୍ରହଣ କରିଛନ୍ତି । ଏ ସଂକ୍ରାନ୍ତ ଗଣମାଧ୍ୟମ ରିପୋର୍ଟ ଆଧାରେ କମିଶନ୍ ଏହି ନିଷ୍ପତ୍ତି ନେଇଛନ୍ତି । କମିଶନ୍‌ର ଅଧ୍ୟକ୍ଷ ବିଜୟା ରାହତକର ଘଟଣାର ତଦନ୍ତ ଏବଂ ସମୟୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦିଲ୍ଲୀ ପୁଲିସ୍ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ୭ ଦିନ ମଧ୍ୟରେ ବିସ୍ତୃତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ରିପୋର୍ଟ ଦାଖଲ କରିବାକୁ କମିଶନର ଅଧ୍ୟକ୍ଷ ଶ୍ରୀମତୀ ରାହତକର ଚିଠି ମାଧ୍ୟମରେ କମିଶନରଙ୍କୁ କହିଛନ୍ତି ।

# ହରଦୀପ ପୁରୀ-ଅଏଲ୍ ଇଣ୍ଡିଆ

ରାଜସ୍ଥାନର ଦାଣ୍ଡେୱାଲା ଅଞ୍ଚଳରେ ଅଏଲ ଇଣ୍ଡିଆ ଲିମିଟେଡ୍ ଏକ ନୂତନ ଗ୍ୟାସ୍ କ୍ଷେତ୍ର ସନ୍ଧାନ କରିଛି ବୋଲି ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ

ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ସୂଚନା ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ପୁରୀ କହିଛନ୍ତି, ଦେଶର ଘରୋଇ ଶକ୍ତି ଉତ୍ପାଦନକୁ ସୁଦୃଢ଼ କରିବାରେ ଏହା ସହାୟକ ହେବ । ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ଭାରତ ଅଭିଯାନ ଅଧିକ ତ୍ୱରାନ୍ୱିତ ହେବ ବୋଲି ମନ୍ତ୍ରୀ ଶ୍ରୀ ପୁରୀ ଆଶା ବ୍ୟକ୍ତ କରିଛନ୍ତି ।

## ତ୍ରିଲୋକି ନାଥ

ଭାରତୀୟ ସୂଚନା ସେବାର ଅବସରପ୍ରାପ୍ତ ଅଧିକାରୀ ତ୍ରିଲୋକି ନାଥଙ୍କର ଆଜି ନୂଆଦିଲ୍ଲୀଠାରେ ପରଲୋକ ହୋଇଛି । ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା । ଗତ କିଛି ଦିନ ଧରି ସେ ଅସୁସ୍ଥ ଥିଲେ । ଦୀର୍ଘ ବର୍ଷ ଧରି ଆକାଶବାଣୀର ସମ୍ବାଦ ସମ୍ପାଦକ ଭାବେ ଶ୍ରୀ ନାଥ କାର୍ଯ୍ୟ କରିଥିଲେ । ଏହା ପୂର୍ବରୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ବିଭିନ୍ନ ଗଣମାଧ୍ୟମ ଶାଖାରେ ଭିନ୍ନ ଭିନ୍ନ ପଦବୀରେ ଦକ୍ଷତାର ସହ ଦାୟିତ୍ୱ ସମ୍ପାଦନ କରିଥିଲେ ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ପଞ୍ଜାବ କିଙ୍ଗସ୍ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଟସ୍ ପଞ୍ଜାବ କିଙ୍ଗସ୍ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

# ପାଣିପାଗ

ଭାରତୀୟ ପାଣିପାଗ ବିଭାଗ ଦେଇଥିବା ସୂଚନା ଅନୁଯାୟୀ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଜି ଦକ୍ଷିଣ-ପଶ୍ଚିମ ଆରବ ସାଗରର କେତେକ ଅଞ୍ଚଳ, ଦକ୍ଷିଣ-ପୂର୍ବ ଆରବ ସାଗରର ଅଧିକାଂଶ ଭାଗ, କୋମରିନ୍ ଅଞ୍ଚଳ, ଦକ୍ଷିଣ-ପଶ୍ଚିମ, ଦକ୍ଷିଣ-ପୂର୍ବ ଏବଂ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ସମେତ ଆଣ୍ଡାମାନ ସାଗରର ଅଧିକାଂଶ ଅଞ୍ଚଳକୁ ଅଗ୍ରସର ହୋଇଛି । ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ କେରଳର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି । ଏଥିପାଇଁ ରାଜ୍ୟର ୯ଟି ଜିଲ୍ଲାକୁ ଆସନ୍ତା ସୋମବାର ପର୍ଯ୍ୟନ୍ତ ସତର୍କ ସୂଚନା ଜାରି କରାଯାଇଛି । କେରଳ, କର୍ଣ୍ଣାଟକ ଏବଂ ଲାକ୍ଷାଦ୍ୱୀପ ଉପକୂଳବର୍ତ୍ତୀ ସମୁଦ୍ର ମଧ୍ୟକୁ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି ।